# Akashvani, Sambalpur

## SAMBALPURI NEWS EVENING BULLETIN

**17 June 2025- 7.02 pm- 7.12 pm.**

*********************************************

୧- ବିକଶିତ୍ ଓଡ଼ିଶାର୍ ଲକ୍ଷ୍ୟ ପୂରା କର୍‌ବାର୍ ଦିଗେ ଚାଷ୍ ଆଉ ଚାଷୀମାନେ ନେବେ ବଡ଼୍ ଭୂମିକା- କହେଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ଜମି କିସମ୍ ସଂଖ୍ୟା କମ୍ କରିକରି ୨୭ ଭିତ୍‌ରେ ରଖାଯିବା- ସୂଚ୍‌ନା ଦେଲେ ରାଜସ୍ୱ ମନ୍ତ୍ରୀ ।

୩- ଝାଡ଼ାବାନ୍ତି ନେଇକରି ସବୁ ଜିଲ୍ଲାକେ ସତର୍କ କଲା ସ୍ୱାସ୍ଥ୍ୟ ବିଭାଗ୍ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର୍ ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଜବର୍ ବର୍ଷା ଅନୁମାନ୍ କଲା ଆଂଚଳିକ୍ ପାଣିପାଗ୍ କେନ୍ଦ୍ର ।

କୃଷକ ଶକ୍ତି ସମାବେଶ I&PR/ବଲାଙ୍ଗିର୍ ସମ୍ବାଦଦାତା

ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରା କର୍‌ବାର୍ ଦିଗେ ଚାଷ୍ ଆଉ ଚାଷୀମାନ୍‌କର ବିକାଶ ଗୁଟେ ବର୍‌କସ୍ ଭୂମିକା ନେବା ବଲି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ରାଜ୍ୟର୍ ବିଜେପି ସରକାରଙ୍କର ୧ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ବଲାଙ୍ଗୀର୍‌ଠାନେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟର୍ ୬୦ ପ୍ରତିଶତ୍‌ନୁ ଅଏତ୍‌କା ଲୋକ୍ ଚାଷ୍ ଆଉ ଚାଷ୍ ବାବଦ୍ କାମ୍ ଉପ୍‌ରେ ନିର୍ଭର କର୍‌ସନ୍ । ଚାଷୀମାନକୁ ବର୍‌କସ୍ କର୍‌ବାର ଲାଗି ସରକାର ସବୁ ପ୍ରକାର ପ୍ରଯୁକ୍ତି ବିଦ୍ୟା ଯୁଗେଇ ଦେବାର୍ ଲାଗି ତୟାର୍ ଅଛନ୍ । ଅନ୍ନଦାତାମାନ୍‌କର ଫସଲ୍‌ର ଉଚିତ ମୂଲ୍ୟ ଦେବାର୍ ଲାଗି ସମୃଦ୍ଧ କୃଷି ଯୋଜ୍‌ନାଥି କୁଇଂଟାଲ ପିଛା ଧାନର୍ ସହାୟକ୍ ମୂଲ୍ୟ ବଢ଼ାବାର୍ ସହେତେ ଇନ୍‌ପୁଟ୍ ସବ୍‌ସିଡି ସାହାଜ୍ ଟଙ୍କା ଭିଲ୍ ଦିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଉ ଅଲ୍‌ଗାମାନେ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ ଗସ୍ତ ପ୍ରସ୍ତୁତି ହି.ସ.

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତର୍ ପ୍ରସ୍ତୁତିକେ ନେଇକରି ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଆଏଜ୍ ଭୁବନେଶ୍ୱର୍

ଲୋକ୍‌ସେବା ଭବନ୍ ଠାନେ ସମୀକ୍ଷା କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ସମିଆଥି ସୁରକ୍ଷା ବ୍ୟବସ୍ଥା, ରୋଡ୍ ସୋ' ଲାଗିର୍ କାର୍ଯ୍ୟକ୍ରମ୍‌ର ସୁପରିଚାଳନା ବାବ୍‌ଦେ ଶ୍ରୀ ଆହୁଜା ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ସମୀକ୍ଷା ବୈଠକ୍‌ଥି ଆଲୋଚନା କରିଛନ୍ ।

ସେଆଡ଼େ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଭାସ୍ଥଲ୍ ଜନତା ମଇଦାନ୍ ଠାନେ ଏସ୍.ପି.ଜି. ଟିମ୍ ଆଉ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସୁରକ୍ଷା ଥିତିର୍ ଯାଂଚ୍ କରିଛନ୍ । ଇ ଅବ୍‌ସରେ ୨ ଝନ୍ ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ବିଭୂତି ଭୂଷଣ୍ ଜେନା ଭିଲ୍ ଉପସ୍ଥିତ୍ ଥିଲେ ।

ସୂଚ୍‌ନା ଅନ୍‌ସାରେ ଆଏବା ୨୦ ତାରିଖ୍ ଶୁକ୍ରବାର୍ ଦିନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ଜମି କିସମ-ସୁରେଶ ପୂଜାରୀ ହି.ସ.

ରାଏଜେ ଜମିର୍ କିସମ୍ ସଂଖ୍ୟାକେ କମ୍ କରାଯାଇକରି ୨୭ ଭିତ୍‌ରେ ରଖାଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍, ଅନାବଶ୍ୟକ୍ ଜମିର୍ କିସମ୍ ସବୁକେ ହଟାବାର୍ ଲାଗି ସରକାର ଲକ୍ଷ୍ୟ

ରଖିଛନ୍ । ଜମିର୍ କିସମ୍‌କେ ନେଇକରି ବହୁତ୍‌ଟେ ସମସ୍ୟା ଦେଖା ଦେଉଥିବାର୍‌ନୁ ବ୍ରିଟିଶ୍ ଶାସନ୍ ସମିଆନୁ ଚଲି ଆସିଥିବା ଇ ଧାରାକେ ବଦ୍‌ଲାବାର୍ ଲାଗି ସରକାର ନିଷ୍ପତି ନେଇଛନ୍ । ଜମିର୍ ସତ୍ୱର ପରିବର୍ତନ୍ ଆଉ ଇ ବାବ୍‌ଦେ ସରକାରୀ ସ୍ତରେ ନିଆଯାଇଥିବା ନିଷ୍ପତି ବାବ୍‌ଦେ ରାଜସ୍ୱ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

## ରଥଯାତ୍ରା- ରାଜ୍ୟପାଲ୍ ନିମନ୍ତ୍ରଣ୍ I&PR

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାଥି ଯୋଗ୍ ଦେବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ନିମନ୍ତ୍ରଣ୍ ଦେଇଛନ୍ । ରାଜ୍‌ଭବନ୍ ଠାନେ ରାଜ୍ୟପାଲ୍‌ଙ୍କୁ ଭେଟିକରି ଶ୍ରୀ ପାଢ଼ୀ ଆଏଜ୍ ଇ ନିମନ୍ତ୍ରଣ ପତ୍ର ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ପାଢ଼ୀ ରଥଯାତ୍ରାକେ ସୁଗମ ଆଉ ନିରାପଦ ପରିଚାଳନା ଲାଗି ଚାଲିଥିବା ତୟାରି ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

## ଛାତ୍ରଛାତ୍ରୀ ଦକ୍ଷତା ବୃଦ୍ଧି କର୍ମଶାଳା I&PR

ରାଏଜେ ଉଚ୍ଚ ମାଧ୍ୟମିକ ସ୍ତର୍‌ଥି ଛାତ୍ରଛାତ୍ରୀଙ୍କର୍ ସୃଜନ ଆଉ ଦକ୍ଷତାକେ ବଢ଼ାବାର୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ଠାନେ 'କଳ୍ପନାରୁ ଦକ୍ଷତା ଯାତ୍ରା' ଶୀର୍ଷକ୍ ଦୁଇଦିନିଆ କର୍ମଶାଳା ମୁଲ୍ ହେଇଛେ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର୍ ନବସୃଜନ ଶାଖା ଆଉ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ୍ ସହଯୋଗ୍‌ଥି ଇ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅତିରିକ୍ତ ଶାସନ୍ ସଚିବ ଶୁଭଶ୍ରୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ଇ କର୍ମଶାଳା ବନେ ସାହାଜ୍ କର୍‌ବା ବଲି କହିଛନ୍ । କର୍ମଶାଳାଥି ଶହେ ୬୦ ନୁ ଅଏତ୍‌କା ଶିକ୍ଷକ ଆଉ ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ ।

ବିଶ୍ୱ କୁମ୍ଭୀର ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପରିବେଶ୍ ସନ୍ତୁଳନ୍ ଦିଗେ କୁମ୍ଭୀର୍ ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଉ ସେମାନ୍‌କର୍ ବାସସ୍ଥାନ୍‌କେ ସୁରକ୍ଷା ଦେବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ କୁମ୍ଭୀର ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ କୁମ୍ଭୀର୍ ଦିବସ୍‌ର

ବିଷୟ ବସ୍ତୁ ହେଉଛେ 'କୁମ୍ଭୀର ସହିତ ସହାବସ୍ଥାନ୍- ସଂପ୍ରଦାୟ ମାଧ୍ୟମରେ ସଂରକ୍ଷଣ' ।

ଅନ୍ତର୍ଜାତୀୟ କୁମ୍ଭୀର ଦିବସ୍ ଆଉ ଓଡ଼ିଶାର୍ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର୍ ୫୦ ବଛର୍ ପୂର୍ତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । କୁମ୍ଭୀର ସଂରକ୍ଷଣ୍‌ର ପ୍ରତିବଦ୍ଧତାକେ ବଜାୟ ରଖ୍‌ବାର୍ ଲାଗି ନିଃସ୍ୱାର୍ଥ ଚେରେଷ୍ଟା ଜାରି ରଖ୍‌ବାର୍‌କେ ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶାର୍ କୁମ୍ଭୀର ସଂରକ୍ଷଣ୍ ପ୍ରକଳ୍ପର୍ ୫୦ ବଛର୍ ପୂର୍ତି ସମାରୋହ ଆଏଜ୍ ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ଠାନେ ହେଇଯାଇଛେ । ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ହେଇଥିବା ସମାରୋହଥି ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆଭାସୀ ଜରିଏ ଯୋଗ୍ ଦେଇକରି କହିଛନ୍, ଗଲା ୫୦ ବଛର୍ ହେଲା ଓଡ଼ିଶା କୁମ୍ଭୀର୍ ସଂରକ୍ଷଣ୍ ଲାଗି ସାରା ପୁର୍‌ଥିର୍ ମାର୍ଗଦର୍ଶକ୍ ସାଜିଛେ । ଓଡ଼ିଶା ଇହାଦେ ବଉଳା, ମଗର ଆଉ ଘଡ଼ିଆଲ୍ ପ୍ରଜାତିର୍ କୁମ୍ଭୀର ମାନ୍‌କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ୍ ପାଲ୍‌ଟିଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ଝାଡ଼ାବାନ୍ତି -ସ୍ୱାସ୍ଥ୍ୟ ବିଭାଗ୍ ସତର୍କ ହି.ସ.

୫ ଟା ଜିଲ୍ଲା ନ ଝାଡ଼ାବାନ୍ତି ଚାପ୍‌ବାର୍ ଉତ୍‌ରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାକେ ସତର୍କ କରାଯାଇଛେ । ସବୁ ଜିଲ୍ଲାକେ ସତର୍କତା ପଦକ୍ଷେପ୍ ନେବାର୍‌କେ ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱତି ନିର୍ଦ୍ଦେଶ୍ ଦେଇଛନ୍ । ସେ କହିଛନ୍, କୂଅାଁ, ବନ୍ଧ, କଟା ମାନ୍‌କେ ସଫା ରଖ୍‌ବାର୍ ସହେତେ ବିଶୋଧନ୍ କର୍‌ବାର୍ ପଦକ୍ଷେପ୍ ନିଆଯାଉଛେ । କେନ୍‌ସି ଭିଲ୍ ଥିତି ଲାଗି ହସ୍ପିଟାଲ୍ ମାନ୍‌କୁ ତୟାର୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଫି' ଦିନ ରାଜ୍ୟସ୍ତରଥି ଥିତି ସମୀକ୍ଷା କରାଯାଉଛେ ଆଉ ଗାଁ ଗାଁ ନ ଲୁକ୍‌କୁ ସଚେତନ୍ କରାଯାଉଛେ ବଲି ଶ୍ରୀମତୀ ଅଶ୍ୱତି କହିଛନ୍ ।

ପଣ୍ଡିତ ଗୋପବନ୍ଧୁ ଦାସ- ଶ୍ରଦ୍ଧାଞ୍ଜଳି ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କୁ ପୁଣ୍ୟତିଥି ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସେବା, ସଂଗ୍ରାମ୍, ସଂସ୍କାର୍ ଆଉ ତ୍ୟାଗର୍ ପ୍ରତୀକ୍ ପଣ୍ଡିତ୍ ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ପୁରୀ ଜିଲ୍ଲା ସାକ୍ଷୀ ଗୋପାଲ୍ ପାଖର୍ ସୁଆଣ୍ଡୋ ଗାଁ ନ ଜନମ୍ ନେଇଥିଲେ ।

ମାନବ ସେବାକେ ମାଧବ ସେବା ଭାବେ ଅପ୍‌ନେଇଥିବା ଗୋପବନ୍ଧୁ କର୍ମ ହିଁ ଜୀବନ୍ ବଲି ବାର୍ତା ଦେଇଥିଲେ । ଝନେ ଛାତ୍ରବତ୍ସଲ୍ ଶିକ୍ଷକ୍, ସମାଜ୍ ସଂସ୍କାରକ, ଦାର୍ଶନିକ୍, ଲେଖକ ଆଉ ରାଜନେତା ଭାବେ ଜନାଶୁନା ଉତ୍କଳମଣି ଗୋପବନ୍ଧୁଙ୍କର୍ ୧୯୨୮ ମସିହା ଆଝିରର୍ ଦିନେ ପରଲୋକ୍ ହେଇଥିଲା ।

ବିକାଶ୍ ମେଲା ଉଦ୍‌ଯାପିତ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଧନ୍‌କଉଡ଼ା ପଡ଼ିଆ ଠାନେ ୬ ଦିନ ଧରିକରି ଚାଲିଥିବା ବିକାଶ୍ ମେଲା ଆଏଜ୍ ଉଦ୍‌ଯାପିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଆଏଜ୍ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟ ବିଜେପି ସର୍‌କାର୍‌ଙ୍କର୍ ୧ ବଛର୍ ଶାସନ୍‌ର ସଫଲତା ବାବ୍‌ଦେ କହିଛନ୍ । ଶିକ୍ଷା, ସ୍ୱାସ୍ଥ୍ୟ, ପିଇବାର୍ ପାଏନ୍, କୃଷି, ପର୍ଯ୍ୟଟନ୍ କ୍ଷେତ୍ରଥି ରାଜ୍ୟ ସର୍‌କାର୍‌ଙ୍କର୍ ଉପଲବ୍ଧି ବାବ୍‌ଦେ ବୁଝେଇଛନ୍ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍, ଆରକ୍ଷୀ

ଅଧିକ୍ଷକ୍ ମୁକେଶ୍ ଭାମୁ ଆଉ ଅଲ୍‌ଗାମାନେ ଯୋଗ୍ ଦେଇଥିଲେ ।

ବିକଶିତ ଓଡ଼ିଶା କର୍ମଶାଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ବିକଶିତ ଓଡ଼ିଶା ୨୦୩୬ ଥି ସୁବର୍ଣ୍ଣପୁର୍ ଜିଲ୍ଲାର୍ ବିକାଶ୍‌କେ ଜୁଡ଼୍‌ବାର୍ ଲକ୍ଷ୍ୟଥି ଆଏଜ୍ ଜିଲ୍ଲା ସଦର୍ ବ୍ଲକ ସମ୍ମିଳନୀ ହଲ୍ ନ ବିକଶିତ ଜିଲ୍ଲା ବିକଶିତ ଓଡ଼ିଶା ଶୀର୍ଷକ୍ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା କର୍ମଶାଳାଥି ଅଧକ୍ଷତା କରିକରି ଜିଲ୍ଲାର୍ ସର୍ବାଙ୍ଗିନ ବିକାଶ୍ ଲାଗି ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନାର୍ ପ୍ରକଳ୍ପର୍ କାର୍ଯ୍ୟକାରୀ ଦିଗେ ସହଭାଗି ହେବାର୍‌କେ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ ।

ବସୁମତି ସ୍ନାନ ସୁବର୍ଣ୍ଣପୁର ସମ୍ବାଦଦାତା

ରଜ ପର୍ବର ଶେଷ୍ ଦିନେ ଆଏଜ୍ ବସୁମତି ସ୍ନାନ ପାଲନ୍ କରାଯାଉଛେ । ସାରା ରାଏଜେ ଦେବୀ ପୀଠ୍‌ମାନ୍‌କର ସହେତେ ଘରେ ଘରେ ପୁରେ ପୁରେ ଆଏଜ୍ ଲକ୍ଷ୍ମୀ ପୂଜା କରାଯାଇଛେ । ସୁବର୍ଣ୍ଣପୁର ଜିଲ୍ଲା ନ ବସୁମତି ସ୍ନାନ ଉତ୍‌ରୁ

ମା'ବୁହେନ୍‌ମାନେ ଲକ୍ଷ୍ମୀଙ୍କୁ ଗୁଡ଼ ନୈବେଦ୍ୟ ଅର୍ପଣ କରି କରି ପୂଜା କରିଛନ୍ । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀ, କୋଶଲେଶ୍ୱରୀ, ରାମଚଣ୍ଡୀଙ୍କର୍ ସହେତେ ଅଷ୍ଟଚଣ୍ଡୀ ଆଉ ଜିଲ୍ଲାର ଶତାଧିକ ମାହେଶ୍ୱରୀ ମନ୍ଦିର ନ ଦେବୀଙ୍କର୍ ସ୍ନାନ ଆଉ ପୂଜା କରାଯାଇଛେ ।

ନୂଆପଡ଼ା ଆମ୍- ବିଦେଶ ରପ୍ତାନୀ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ସୁଆଦିଆ ଆମ୍ରପଲ୍ଲୀ ଆମ୍ ଆଏଜ୍ ଜର୍ମାନୀକେ ରପ୍ତାନୀ ହେଇଛେ । ଜିଲ୍ଲା ଉଦ୍ୟାନ୍ କୃଷି ବିଭାଗ୍ ସାହାଜ୍‌ଥି ବୋଡ଼େନ୍ ବ୍ଲକ୍ ଦୁର୍ଗାମୁଣ୍ଡା ଗାଁ ନ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍‌କର୍ ତର୍‌ଫୁ ଇ ଆମ୍ ଚାଷ୍ କରାଯାଇଥିଲା । ପହେଲା ଖେପେ ୧୧ କ୍ୱିଂଟାଲ୍ ଆମ୍ର ବିଦେଶ୍ ରପ୍ତାନୀ କାମ୍‌କେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ପତାକା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ଆମ୍ କଲିକତା ଦେଇକରି ଜର୍ମାନୀକେ ଯିବା ।

ଶିଶୁ ଶ୍ରମିକ ସଚେତନତା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ଆଉ ଶ୍ରମ ବିଭାଗ୍ ତର୍ଫୁ ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଜିଲ୍ଲାପାଲ୍ ମୁଧୂସଦନ୍ ଦାସ ନିଜର୍ କାର୍ଯ୍ୟାଳୟ ଠାନୁ ଶୋଭାଯାତ୍ରା ଆଉ ସଚେତନତା ରଥକେ ଶୁଭାରମ୍ଭ କରିଛନ୍ । ଶିଶୁ ଶ୍ରମିକ୍ ପ୍ରଥା ବନ୍ଦ୍ କର୍ବାର୍ ସହେତେ ନୂଆପଡ଼ାକେ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ଗଠନ୍ କର୍ବାର୍‌କେ ଜିଲ୍ଲାପାଲ୍ ଇ ଅବ୍‌ସରେ କହିଛନ୍ । ଇ ରଥ ଜିଲ୍ଲାର୍ ସବୁ ପଂଚାୟତ୍‌କେ ଯାଇକରି ଶିଶୁ ଶ୍ରମିକ ବିରୋଧ୍‌ଥି ଲୁକ୍‌କୁ ସଚେତନ୍ କର୍‌ବା ।

ହିତାଧିକାରୀମାନ୍‌କର୍ ସମ୍ମିଲନୀ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆଠାନେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ୍ ମେଳାଥି ଆଏଜ୍ ଶିକ୍ଷା, ସ୍ୱାସ୍ଥ୍ୟ, ଅବକାରୀ, ବିଦ୍ୟୁତ୍, ବେସାମରିକ୍ ଯୋଗାଣ ବିଭାଗ୍‌ର ହିତାଧିକାରୀମାନ୍‌କର୍ ସମ୍ମିଲନୀ ହେଇଯାଇଛେ । ଇ ଅବ୍‌ସରେ ବିଭାଗ୍ ମାନ୍‌କର୍ ବଛର୍‌କର୍ ଉପଲବ୍ଧି ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରାଯାଇକରି ହିତାଧିକାରୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର୍ ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ମୟୁର୍‌ଭଞ୍ଜ୍, କେନ୍ଦୁଝର୍ ଜିଲ୍ଲାକେ ଜବର୍ ବର୍ଷା ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଆଏବା ଦିନେ ୨ ଦିନ୍ ଭିତ୍‌ରେ ମୌସୁମୀ ଆହୁରି ସକ୍ରିୟ ହେଇକରି ସାରା ରାଜ୍ୟକେ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।